# Akashvani, Sambalpur

# SAMBALPURI NEWS MORNING BULLETIN

## 17 September 2026 - 6.47- 6.52 am.

---

ସେବା ସଂକଳ୍ପ ଅଭିଯାନ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୫୦ ବଛର୍‌ର ନିରବଚ୍ଛିନ୍ନ ସେବା ଆଉ ମୁଖ୍ୟମନ୍ତ୍ରୀ ଆଉ ପ୍ରଧାନ୍‌ମନ୍ତ୍ରୀ ହିସାବେ ୨୫ ବଛର୍‌ର ନେତୃତ୍ୱ ସାରା ଦେଶ୍‌କେ ଗୁଟେ ଶକ୍ତିଶାଳୀ, ସମୃଦ୍ଧ ଆଉ ଆତ୍ମନିର୍ଭର୍ ରାଷ୍ଟ୍ର ବନେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ଯାତ୍ରାକେ ସମ୍ମାନ୍ ଜନେଇକରି ଦେଶେ ଆଏଜ୍‌ଠାନୁ ମାସେତକ୍ ସେବା ସଂକଳ୍ପ ଅଭିଯାନ୍ ମୁଲ୍ ହେଉଛେ । ଶ୍ରୀ ମୋଦୀଙ୍କର୍ ଇଯାତ୍ରା ଜନସେବାନୁ ଦେଶସେବାର୍ ମନ୍ତ୍ର ନିରନ୍ତର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ଦିଗେ ସର୍‌କାର୍ ଅହରହ କାମ୍ କରୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ୍ ସଶକ୍ତିକରଣ୍ ଜରିଏ ଇ ସମର୍ପଣ୍ ଭାବ୍ ଲୋକ୍‌ମାନ୍‌କର୍ ଜୀବନ୍‌ଥି ବ୍ୟାପକ୍ ପରିବର୍ତନ୍ ଆନିଛେ । ଇ ଅଭିଯାନ୍ ଅଧୀନ୍‌ଥି ଆଏଜ୍ ଭୁବ୍‌ନେଶ୍ୱର

ଗୁପ୍ତେଶ୍ୱର୍ ମନ୍ଦିର୍ ନ ଦୀପଦାନ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ୨୫ ବଛର୍‌ର ସୁଶାସନ୍‌କେ ସମ୍ମାନ୍ ଦେବାର୍ ଲାଗି ଘରେ ଘରେ ବେଲ୍‌ବୁଡ଼ର୍ ୬ ନୁ ୭ ବଜେ ଭିତ୍‌ରେ ଦୀପ୍ ଜଲାବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିବେଦନ୍ କରିଛନ୍ । ଇ ଅବ୍‌ସରେ ସେବା ଜ୍ୟୋତି ଯାତ୍ରା, ନମୋ ସେବା ଗାଥା, ସପନର୍ ଭାରତ୍, ପରିବର୍ତ୍ତନ୍‌ର କାହାଣୀ, ବିକଶିତ୍ ଭାରତ୍ ସମ୍ପର୍କ ଯାତ୍ରା, ଗଛ୍ ଲଗା ଆଉ ରକ୍ତଦାନ୍ ବାଗିର୍ ମହତ୍ କାମ୍ କରାଯିବା । ଇ ଅବ୍‌ସରେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ମାସେ ତକ୍ ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ସମ୍ବାଦ ପ୍ରସାରଣ୍ କରାଯିବା ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସୁଭଦ୍ରା ଯୋଜ୍‌ନା ଆଏଜ୍ ସଫଲତାର୍ ସହେତେ ୨ ବଛର୍ ପୁରା କରିଛେ । ଗଲା ୨ ବଛର୍ ଭିତ୍‌ରେ ୫ ଟା କିସ୍ତିଥି ୧ କୋଟି ୩ ଲାଖ୍ ନୁ ଅଏତ୍‌କା ମହିଳାଙ୍କର୍ ବେଙ୍କ୍ ଖାତାକେ ଡିବିଟି ଜରିଏ ୨୫ ହଜାର୍ ୮ ଶହ କୋଟି ଟଙ୍କା ହସ୍ତାନ୍ତର୍ କରାଯାଇଛେ । ଆଏଜ୍‌ଠାନୁ

ମହିଳା ସଶକ୍ତିକରଣ୍ ଆଉ ଆତ୍ମସମ୍ମାନ୍‌ର ସଂକଳ୍ପ ଦିବସ୍ ଭାବେ ପାଲନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ପୋଷଣ୍ ଅଭିଯାନ୍ ଜରିଏ ଓଡ଼ିଶାକେ ଶହେ ପ୍ରତିଶତ୍ କୁପୋଷଣ୍ ମୁକ୍ତ କରିକରି ଗୁଟେ ସୁପୋଷିତ୍ ଆଉ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ବିଭାଗ୍ ସଂକଳ୍ପବଦ୍ଧ ବଲି ସେ କହିଛନ୍ । ଇ ଅବ୍‌ସରେ ଆଏଜ୍ ବେଲ୍‌ବୁଡ଼ର୍ ୬ ନୁ ୭ ବଜେତକ୍ ରାଜ୍ୟର୍ ସବୁ ଘରେ ଦୀପ୍ ଜଲାବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆହ୍ୱାନ୍ ଦେଇଛନ୍ ।

ବିମାନ୍ ବନ୍ଦର-ଯାତ୍ରୀସେବା ଅଭିଯାନ    ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ବିମାନ୍ ବନ୍ଦର୍ ତରଫୁ ଆଏଜ୍‌ଠାନୁ ଆଏବା ୧୦ ତାରିଖ୍‌ତକ୍ ଯାତ୍ରୀସେବା ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଅବ୍‌ସରେ ବିମାନ୍ ବନ୍ଦର୍ ତରଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯିବାର୍‌କେ ଯୋଜ୍‌ନା କରାଯାଇଛେ । ସ୍ୱଚ୍ଛତା, ଯାତ୍ରୀ ସୁରକ୍ଷା, ପହେଲାକରି ବିମାନ୍‌ଥି ଯାତ୍ରା କରୁଥିବା ଲୁକ୍‌କୁ ସ୍ୱତନ୍ତ୍ର ସାହାଜ୍

ବାଗିର୍ ଭିନ୍ ଭିନ୍ ପଦକ୍ଷେପ୍ ନିଆଯିବା ବଲି ବିମାନ୍ ବନ୍ଦର୍ ନିର୍ଦ୍ଦେଶକ୍ ପ୍ରସନ୍ନ ପ୍ରଧାନ୍ ସୂଚ୍ନା ଦେଇଛନ୍ ।
ଭାରତୀୟ ବିମାନ୍ ସେବା ପ୍ରାଧିକରଣ୍ ତର୍ଫୁ ଝାର୍ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ ନ ଭିଲ୍ ଆଏଜ୍ଠାନୁ ଯାତ୍ରୀସେବା ଅଭିଯାନ୍ ପାଲନ୍ କରାଯିବା । ଇ ଅବ୍ସରେ ବିମାନ୍ ବନ୍ଦର୍ର ଭିନ୍ ଭିନ୍ ସେବା ଆଉ ବ୍ୟବସ୍ଥାର୍ ସମୀକ୍ଷା କରାଯିବା ବଲି ବିମାନ୍ ବନ୍ଦର୍ କର୍ତ୍ତୃପକ୍ଷଙ୍କର୍ ତର୍ଫୁ ସୂଚ୍ନା ମିଲିଛେ ।

ନୂଆପଡ଼ା-ସେବା ହିଁ ସମର୍ପଣ୍        ନୂଆପଡ଼ା ସମ୍ବାଦଦାତା

ପ୍ରଧାନ୍ମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଅବ୍ସରେ ସେବା ହିଁ ସମର୍ପଣ୍ - ସେବା ହିଁ ପରିଚୟ ଦିବସ୍ ପାଲନ୍ ଅବ୍ସରେ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ନୁ ଶହେ ଝନ୍ ଯୁବକ୍ ଭୁବ୍ନେଶ୍ୱର୍ ଯାଇଛନ୍ । ଭୁବ୍ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ହେବାର୍କେ ଥିବା ବିଶାଳ ରକ୍ତଦାନ୍ ଶିବିର୍ଥି ସେମାନେ ସାମିଲ୍ ହେଇକରି ରକ୍ତଦାନ୍ କର୍ବେ ।

ବିଶ୍ୱକର୍ମା ପୂଜା ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କର୍ ପୂଜା । ଆଏଜ୍ ଦେଶର୍ ସବୁ କାରିଗରି ଆର୍ ଇଞ୍ଜିନିୟରିଂ ସଂସ୍ଥା, ଶିଳ୍ପାନୁଷ୍ଠାନ୍ ଆଉ କଲ୍କାର୍ଖାନାମାନ୍କେ ବିଶ୍ୱକର୍ମାଙ୍କର୍ ପୂଜା କରାଯାଉଛେ । ଘର୍ମାନ୍କେ ଆଏଜ୍ ଗାଡ଼ିମଟର୍ ଆଉ ବେଭାର୍ ହେଉଥିବାର୍ ଛୋଟ୍ ବଡ଼ ମିସିନ୍ ମାନ୍କୁ ପୂଜା କରଯିବା । ପଶ୍ଚିମ ଓଡ଼ିଶାର୍ ଶିଳ୍ପ ସହର୍ ହୀରାକୁଦ୍, ଝାର୍ସୁଗୁଡ଼ା, ବ୍ରଜରାଜନଗର୍, ରାଉର୍କେଲା, ବେଲପାହାଡ଼, ରାଜ୍ଗାଙ୍ଗ୍ପୁର୍, ଲାଞ୍ଜିଗଡ଼୍ ଆର୍ ଅଲ୍ଗା ଜାଗା ମାନ୍କେ ବିଶ୍ୱକର୍ମା ପୂଜାର୍ ଲାଗି ଜବର୍ ଆୟୋଜନ୍ କରାଯାଇଛେ ।

ବିମ୍ବାସୁର ବଧ ପ୍ରସ୍ତାବ୍ ନୀତି ପୁରୀ ସମ୍ବାଦଦାତା

ଭୁଦୋ ମାସର୍ ଉଜଲ୍ପଖର୍ ଷଷ୍ଠୀ ତିଥି ଅବ୍ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ବିମ୍ବାସୁର ବଧ ପ୍ରସ୍ତାବ୍ ନୀତି କରାଯିବା । ସନ୍ଧ୍ୟାଧୂପ ଉତ୍ରୁ ଇ ନୀତି କରାଯିବା ବଲି

ଜନାପଡ଼ିଛେ । ମାର୍କଣ୍ଡେଶ୍ୱର୍ ସାହି ତର୍ଫୁ ଇ ନୀତି କରାଯାଏସି । ସନ୍ଧ୍ୟାଧୂପ ଉତ୍ରୁ ମହାପ୍ରଭୁଙ୍କର୍ ଚଳନ୍ତି ପ୍ରତିମା ରତ୍ନ ସିଂହାସନ୍‌କେ ବିଜେ କର୍‌ବେ ତାର୍ ପରେ ଜଗନ୍ନାଥଙ୍କର୍ ବାଡ଼ନୁ ଆଜ୍ଞାମାଳ ପାଇକରି ନାଟମଣ୍ଡପ ନ ବିଜେ କଲା ଉତ୍ରୁ ଇ ନୀତି କରାଯିବା । ଇ ସମିଆଥି ନାଟମଣ୍ଡପ ନ ମାହାପୁରୁଙ୍କୁ ଶୀତଳଭୋଗ ଆଉ ବନ୍ଧାପନା ନୀତି ଭିଲ୍ କରାଯିବା ।

ଦେବ୍‌ଗଡ଼୍-ଦିଶା ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ବିକାଶ୍ ସମନ୍ୱୟ ଆଉ ମନିଟରିଂ କମିଟି ଦିଶା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲଲାର୍ ବିକାଶ୍ ପ୍ରକ୍ରିୟାକେ ତୁର୍ତି କର୍‌ବାର ଉପ୍‌ରେ ଜୋର୍ ଦିଆଯାଇଛେ । ଜିଲ୍ଲା ନ ଚାଲୁଥିବା ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଶ୍ରୀ ପ୍ରଧାନ୍ ଆଲୋଚନା କରିଥିଲେ । ବୈଠକ୍‌ଥି ବିଧାୟକ୍ ରୋମାଂଚ ରଞ୍ଜନ୍

ବିଶ୍ୱାଲ୍‌ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଥାଇଲାଣ୍ଡ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ହେଇଛେ । ଇଟା ଆଏବା ଶନିବାର୍‌ତକ୍ ଉତର୍ ଆଣ୍ଡାମାନ୍ ସାଗର୍ ନ ଲଘୁଚାପ୍‌ଥି ବଦ୍‌ଲିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଆକଲନ୍ କରାଯାଇଛେ । ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ଇଟା ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍‌କେ ଯାଇକରି ଦକ୍ଷିଣ୍ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ସୁମଦ୍ରଖଁଡ଼ି ଆଡ଼୍‌କେ ଯିବା । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ୍ ଓଡ଼ିଶା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ରାଏଜେ ଆଏଜ୍‌ଠାନୁ ଫେର୍ ବର୍ଷାର୍ ପରିମାଣ୍ ବଢ଼୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୨୦ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।